श्री हरिः

ବସୁଦେବସୁତଂ ଦେବଂ କଂସଚାଣୂରମର୍ଦ୍ଦନମ୍ ।
ଦେବକୀପରମାନନ୍ଦଂ କୃଷ୍ଣଂ ବନ୍ଦେ ଜଗଦ୍ଗୁରୁମ୍ ।।

# ।। ଶ୍ରୀମଦ୍ଭଗବଦ୍ଗୀତା ବିବେଚନ ସାରାଂଶ ।।

**ଅଧ୍ୟାୟ 2: ସାଂଖ୍ୟ ଯୋଗ**

1/6 (ଶ୍ଲୋକ 1-10), ଶନିବାର, 19 ଜୁଲାଇ 2025

**ବିବେଚକ: ଗୀତା ବିଶାରଦ ଡାଃ ଆଶୂ ଗୋୟଲ ଜୀ**

ୟୁଟ୍ୟୁବ୍ ଲିଙ୍କ୍: https://youtu.be/Euz6Zi8MH2Q

## ସାଙ୍ଖ୍ୟ ଯୋଗ-ସନାତନ ଦର୍ଶନ

**ଉପକ୍ରମଣିକା -:**
ଗୀତା ପରିବାରର ମଧୁର ଗୀତ, ହନୁମାନ ଚାଳିଶା ପାଠ, ଶ୍ରୀକୃଷ୍ଣଙ୍କ ପୂଜା ଏବଂ ଦୀପ ପ୍ରଜ୍ଜ୍ୱଳନ ପରେ ବିବେଚନ ସତ୍ର ପ୍ରାରମ୍ଭ ହୋଇଥିଲା।

ଶ୍ରୀ ଭଗବାନଙ୍କର ଅତ୍ୟନ୍ତ ଶୁଭ କୃପାଦୃଷ୍ଟି ଯୋଗୁଁ, ଆମ ସମସ୍ତଙ୍କର ଏପରି ସୌଭାଗ୍ୟ ଜାଗ୍ରତ ହୋଇଅଛି ଯେ, ଆମେ ଆମର ଜୀବନକୁ ସଫଳ ଏବଂ ଅର୍ଥପୂର୍ଣ୍ଣ କରିବା ପାଇଁ, ଏବଂ ଆଧାତ୍ମିକ ଜୀବନରେ ଉନ୍ନତି ଆଣିବା ପାଇଁ, ମାନବ ଜୀବନର ସର୍ବୋଚ୍ଚ ଲକ୍ଷ୍ୟ ହାସଲ କରିବା ପାଇଁ- ଗୀତାଜୀଙ୍କର ପଠନ ଏବଂ ଅଧ୍ୟୟନ, ଏହାର ବ୍ୟାଖ୍ୟା ଶୁଣିବା ଏବଂ ଏହାକୁ ମନେ ରଖିବା ଏବଂ ଏହାର ନୀତିଗୁଡ଼ିକୁ ବୁଝିବା ଏବଂ ଜୀବନରେ ପ୍ରୟୋଗ କରିବା ପାଇଁ ଆଗ୍ରହ ପ୍ରକାଶ କରୁଛୁ। ଆମେ ଜାଣିନାହୁଁ ଯେ, ଆମେ ଏହି ଜନ୍ମରେ କୌଣସି ଭଲ କାମ କରିଛୁ ବା ଆମର ପୂର୍ବ ଜନ୍ମରେ କରିଥିବା ସୁକୃତ, ଆମର ପୂର୍ବପୁରୁଷଙ୍କ ଆଶୀର୍ବାଦ କିମ୍ବା କୌଣସି ଜନ୍ମରେ କୌଣସି ମହାପୁରୁଷଙ୍କ କୃପା ଦୃଷ୍ଟି ଆମ ଉପରେ ପଡ଼ିଛି, ଯାହା ଯୋଗୁଁ ଆମର ଭାଗ୍ୟଦ୍ୟୋୟ ହୋଇ ପାରିଛି ଯେ, ଆମେ ଭଗବଦ୍ ଗୀତାଜୀ ପଠନ, ମନନ ପାଇଁ ମନୋନୀତ ହୋଇଛୁ।

ଏହା ଏକ ସହଜ, ସାଧାରଣ କଥା ନୁହେଁ ଯେ, ଆମକୁ ଭଗବଦ୍ ଗୀତା ପାଇଁ ବାଛି ଦିଆଯାଇଛି, ତେଣୁ ଆମେ ବାରମ୍ବାର ଆମର ଭାଗ୍ୟକୁ ପ୍ରଶଂସା କରିବା ଉଚିତ୍ ଏବଂ ଭାବିବା ଉଚିତ୍ ଯେ ଆମେ ଗୀତାଜୀଙ୍କୁ ବାଛି ନାହୁଁ ବରଂ ଆମକୁ ଗୀତା ଜୀ ଙ୍କ ପାଇଁ ଆମକୁ ବଛା ଯାଇଛି। ଏବେ ଏହାକୁ ତ୍ୟାଗ କରିବା ଉଚିତ୍ ନୁହେଁ। ଏହି ଚାଳିଶ ମିନିଟ ସମୟର ଗୀତା ଅଧ୍ୟୟନ ଜାରି ରହିବା ଉଚିତ। ଗୀତାଜୀଙ୍କୁ ଅତି କମରେ ଅଠର ଥର ପଢ଼ିବା ଉଚିତ। ଏହି ଅଧ୍ୟୟନ ଯାତ୍ରା ଜୀବନ ସାରା, ମୃତ୍ୟୁ ପର୍ଯ୍ୟନ୍ତ, ଶେଷ ନିଶ୍ୱାସ ପର୍ଯ୍ୟନ୍ତ ଜାରି ରହିବା ଉଚିତ। ବିନା ଅର୍ଥରେ, ଘରେ ବସି, ନିଜ ସୁବିଧାରେ, ଆମେ ଭଗବଦ୍ ଗୀତାର ସାନ୍ନିଧ୍ୟ ଲାଭ କରି ପାରିଛୁ, ଏତେ ସାତ୍ତ୍ୱିକ ବ୍ୟକ୍ତିଙ୍କ ସଙ୍ଗ ଲାଭ କରିଛୁ। ମାନବ ଶରୀର ପାଇବା ଏକ ମହାନ ସୌଭାଗ୍ୟ।

**बिनु सत्संग विवेक न होई।।**

ଏହାଠାରୁ ଭଲ ଆଉ କିଛି ହୋଇପାରେ ନାହିଁ।
ଏହି ଅଧ୍ୟାୟର ନାମ **ସାଂଖ୍ୟଯୋଗ।** ଏହି ଅଧ୍ୟାୟର ମର୍ମ ଅତ୍ୟନ୍ତ ଗଭୀର। ଆମ ହିନ୍ଦୁ ସନାତନ ପରମ୍ପରାର ଦୁଇଟି ମୁଖ୍ୟ ମୂଳ ଅଛି।
**ପ୍ରଥମ- ଦର୍ଶନ, ଦ୍ୱିତୀୟ- ସାଧନା ପଦ୍ଧତି**
**ଦର୍ଶନ— (philosophy)** ଯେପରି-ଚୀନ ଦର୍ଶନ,ଜାପାନୀ ଦର୍ଶନ, ସେହିପରି ଭାରତୀୟ ଦର୍ଶନ ମଧ ଅଛି। ରାମାୟଣର ଆରତୀରେ ଆମେ ଗାନ କରୁ -

**छहो सास्त्र सब ग्रन्थन को रस।**

ଆମର ଛଅଟି ଶାସ୍ତ୍ର ବା ଧର୍ମଗ୍ରନ୍ଥ ସବୁର ସାରମର୍ମ। ଏହାକୁ ନ'ଜାଣିଲେ ହିନ୍ଦୁ ସଂସ୍କୃତିକୁ ବୁଝିହେବ ନାହିଁ। ଆମେ ଯାହା କିଛି ଜାଣୁ, ଯେଉଁ ଦୃଷ୍ଟିକୋଣ ସହିତ ଆମେ ଠିକ୍ ଏବଂ ଭୁଲର ଧାରଣାକୁ ମୂଲ୍ୟାଙ୍କନ କରୁ, ତାହା ଆମକୁ ଏହି ଛଅଟି ଦର୍ଶନରୁ ପ୍ରାପ୍ତ ହୋଇଛି। ଏହା ଆମ ସଂସ୍କୃତିରେ ଏତେ ଦୃଢ଼ ଭାବରେ ମିଶ୍ରିତ ହୋଇଯାଇଛି ଯେ,ଏହି ଛଅଟି ଦର୍ଶନର ଧାରଣା ଆମ ଚିନ୍ତାଧାରାରେ ନିରନ୍ତର କାର୍ଯ୍ୟ କରୁଛି।

**୧. ନ୍ୟାୟ ଶାସ୍ତ୍ର**
**୨. ବୈଶେଷିକ ଶାସ୍ତ୍ର**
**୩. ସାଂଖ୍ୟ ଶାସ୍ତ୍ର**
**୪. ଯୋଗ ଶାସ୍ତ୍ର**
**୫. ମୀମାଂସା ଶାସ୍ତ୍ର**
**୬. ବେଦାନ୍ତ ଶାସ୍ତ୍ର**

**-- ମହର୍ଷି ଗୌତମ ନ୍ୟାୟ ଦର୍ଶନର ପ୍ରବର୍ତ୍ତକ ଥିଲେ।**
**-- ମହର୍ଷି କଣାଦ  ବୈଶେଷିକ ଦର୍ଶନର ପ୍ରବର୍ତ୍ତକ ଥିଲେ।**
**-- ମହର୍ଷି କପିଳ ସାଂଖ୍ୟ ଦର୍ଶନର ପ୍ରବର୍ତ୍ତକ ଥିଲେ।**
**-- ମହର୍ଷି ପତଞ୍ଜଳି ଯୋଗ ଦର୍ଶନର ପ୍ରବର୍ତ୍ତକ ଥିଲେ।**
**-- ମହର୍ଷି ଜୈମିନୀ ମୀମାଂସା ଦର୍ଶନର ପ୍ରବର୍ତ୍ତକ ଥିଲେ।**
**-- ମହର୍ଷି ବାଦରାୟଣ ଉତ୍ତର ମୀମାଂସା କିମ୍ବା ବେଦାନ୍ତ ଦର୍ଶନର ପ୍ରବର୍ତ୍ତକ ଥିଲେ।**

ଏହି ଛଅଟି ଦର୍ଶନ ସମସ୍ତ ଜିନିଷକୁ ପରିଚାଳିତ କରେ। **ଛଅଟି ଦର୍ଶନ, ଚାରୋଟି ବେଦ, ଅଠରଟି ପୁରାଣ ଏବଂ ଉପନିଷଦ (ପ୍ରାୟ ଏକଶହ ଆଠଟି)।ଏଥି ମଧ୍ୟରୁ ଦଶଟିକୁ ମୁଖ୍ୟ ଭାବରେ ବିବେଚନା କରାଯାଏ, ଯାହାର ଭାଷ୍ୟ ଭଗବାନ ଆଦି ଶଙ୍କରାଚାର୍ଯ୍ୟଙ୍କ ଦ୍ୱାରା ଲିପିବଦ୍ଧ କରାଯାଇଛି।**

ରାମାୟଣ, ମହାଭାରତ, ସମସ୍ତ ସ୍ମୃତି ଏବଂ ଭଗବଦ୍ ଗୀତା ସାଂଖ୍ୟ-ମୂଳକ ଅଟେ। ଏଗୁଡ଼ିକ ସାଂଖ୍ୟ ଦର୍ଶନ ଦ୍ୱାରା ପ୍ରଭାବିତ। ସାଂଖ୍ୟ ଦର୍ଶନ କେଉଁଠାରୁ ଆସିଲା? ଏହାକୁ ବୁଝିବା ପାଇଁ ହେଲେ, ଆପଣଙ୍କୁ ନିମ୍ନ ପ୍ରଦତ୍ତ କାହାଣୀକୁ ବୁଝିବାକୁ ପଡିବ।

**ମହର୍ଷି କପିଳ -**

ପ୍ରାରମ୍ଭରେ ଯେତେବେଳେ ବ୍ରହ୍ମାଜୀ ସପ୍ତ ଋଷି ମାନଙ୍କୁ ସୃଷ୍ଟି କରିଥିଲେ, ସେହି ସମସ୍ତ ଋଷି କେବଳ ଭକ୍ତି ଏବଂ ତପସ୍ୟାରେ ଲିପ୍ତ ରହିବାକୁ ଚାହୁଁଥିଲେ। ସନକାଦି କେବଳ ପାଞ୍ଚ ବର୍ଷ ବୟସର ହୋଇଥିଲେ, ତେଣୁ ତାଙ୍କୁ ବିବାହ କରିବାକୁ କୁହାଯାଇ ପାରୁନଥିଲା।

ସପ୍ତ ଋଷିଙ୍କ ମଧ୍ୟରୁ ଜଣେ ଥିଲେ କର୍ଦମ ଋଷି। ବ୍ରହ୍ମାଜୀଙ୍କର ଏହି ପୁତ୍ର ଅତ୍ୟନ୍ତ ତେଜସ୍ୱୀ ବୁଦ୍ଧିମାନ ଥିଲେ। ବ୍ରହ୍ମାଜୀ ତାଙ୍କୁ କହିଥିଲେ ଯେ," ମୁଁ ତୁମ ମାଧ୍ୟମରେ ସୃଷ୍ଟିକୁ ବିସ୍ତାର କରିବାକୁ ଯୋଜନା କରିଛି।" ସେ କହିଲେ ଯେ,"ମୁଁ ତପସ୍ୟା କରିବାକୁ ଚାହେଁ। ମୁଁ କେବଳ ଭଜନ ଏବଂ ଏକାନ୍ତ ଜୀବନ ଯାପନରେ ଆଗ୍ରହୀ। ମୁଁ ବିବାହରେ ଆଦୌ ଆଗ୍ରହୀ ନୁହେଁ।" ବ୍ରହ୍ମାଜୀ କହିଥିଲେ ଯେ," ଯଦି ସମସ୍ତେ ଏପରି ମନା କରିବେ, ତେବେ ସୃଷ୍ଟିର କାର୍ଯ୍ୟ କିପରି ହେବ? ତେଣୁ, ତୁମକୁ ବିବାହ କରିବାକୁ ପଡିବ।"

କର୍ଦମ ଋଷି ବାରମ୍ବାର ମନା କରିଚାଲିଲେ, ତା'ପରେ ବ୍ରହ୍ମା ଜୀ ତାଙ୍କୁ ଏକ ସନ୍ତାନ ହେବା ପର୍ଯ୍ୟନ୍ତ ଗୃହସ୍ଥ ଆଶ୍ରମରେ ରହିବାକୁ କହିବାରୁ, କର୍ଦମ ଋଷି ରାଜି ହେଲେ।

ମନୁ ଏବଂ ଶତରୂପାଙ୍କ କନ୍ୟା ଦେବହୁତି ବହୁତ ସୁନ୍ଦର ଏବଂ ଉତ୍ତମ ସ୍ୱଭାବର ଥିଲେ। ନାରଦ ତାଙ୍କୁ କହିଥିଲେ ଯେ ତାଙ୍କର ବିବାହ ଋଷି କର୍ଦମଙ୍କ ସହ ହେବ, କିନ୍ତୁ ସେ ତାଙ୍କୁ କୌଣସି ପ୍ରକାରେ ବିବାହ କରିବାକୁ ପ୍ରସ୍ତୁତ ନଥିଲେ ଏବଂ ତାଙ୍କର ଏକ ସର୍ତ୍ତ ଥିଲା ଯେ ଏକ ସନ୍ତାନ ହେବା ପର୍ଯ୍ୟନ୍ତ ସେ ଗୃହସ୍ଥ ଆଶ୍ରମରେ ରହିବେ। ବ୍ରହ୍ମାଜୀ ତାଙ୍କୁ ଋଷି କର୍ଦମଙ୍କୁ ବିବାହ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଦେବହୁତି କହିଥିଲେ ଯେ ଯଦି ବ୍ରହ୍ମାଜୀ ଆଦେଶ ଦେଇଛନ୍ତି, ତେବେ ସେ ଏହି ବିଷୟରେ କାହିଁକି ଚିନ୍ତା କରିବେ? ମନୁ ଏବଂ ଶତରୂପା ଦେବହୁତିଙ୍କୁ ଋଷି କର୍ଦମଙ୍କ ପାଖକୁ ନେଇଗଲେ। ଋଷି ଏକ ଗଛ ତଳେ ବିନା ଆସନରେ  ଭୂମିରେ ବସିଥିଲେ। ନାରଦ ଜୀ ତାଙ୍କୁ ସେହି ତିନି ଜଣଙ୍କ ଆଗମନ ବିଷୟରେ ଜଣାଇଥିଲେ।

ଋଷି କର୍ଦମ ତିନୋଟି ଆସନ ଅଣାଇଲେ। ଯେତେବେଳେ ତିନି ଜଣ ଆସିଲେ, ସେ ସେମାନଙ୍କୁ ବସିବା ପାଇଁ ଆସନ ଦେଲେ। ମନୁ ଏବଂ ଶତରୂପା ବସିଗଲେ କିନ୍ତୁ ଦେବହୁତି ବସିବାକୁ ଲଜ୍ଜା ଅନୁଭବ କଲେ କାରଣ ଋଷି କର୍ଦମ ଆସନ ବିନା ଭୂମିରେ ବସିଥିଲେ। ଏପରି ପରିସ୍ଥିତିରେ, ଦେବହୁତି ଆସନରେ ବସିବାକୁ ଉପଯୁକ୍ତ ମନେ କଲେ ନାହିଁ। ସେ ଭାବିଲେ ଯେ," ମୁଁ ମୁନିଙ୍କୁ ମୋର ସ୍ୱାମୀ ଭାବରେ ଗ୍ରହଣ କରିବାକୁ ଚାହୁଁଛି। ସେ ଏତେ ମହାନ ମୁନି। ମୁଁ ଆସନରେ ବସିବି ଏବଂ ସେ ବିନା  ଆସନ ବସିବେ ଏହା ଠିକ୍ ନୁହେଁ, କିନ୍ତୁ ମୁନି ମୋତେ

ଆସନ ଦେଇଛନ୍ତି, ତେଣୁ ସେଥିରେ ନ ବସିବା ମଧ ତାଙ୍କର ଅସମ୍ମାନ ହେବ।" ଦେବହୁତି ତାଙ୍କ ଡାହାଣ ହାତ ଆସନ ଉପରେ ରଖି ନିଜେ ଭୂମିରେ ବସିଲେ। ଆସନ ଉପରେ ହାତ ରଖି ସେ ଆସନ ଗ୍ରହଣ କରିବାର ସଙ୍କେତ କରିଥିଲେ।
ଦେବହୁତିଙ୍କ ଏହି ଯୁକ୍ତି ମୁନିଙ୍କୁ ବହୁତ ପସନ୍ଦ ଆସିଲା। ଋଷି ସେହି ଝିଅର ଭଦ୍ରତାକୁ ପସନ୍ଦ କଲେ। ସେ ସମସ୍ତଙ୍କୁ କହିଲେ ଯେ କେବଳ ତାଙ୍କର ସନ୍ତାନ ହେବା ପର୍ଯ୍ୟନ୍ତ ଗୃହସ୍ଥ ଆଶ୍ରମରେ ରହିବେ ଏବଂ କହିଲେ ଯେ ଯଦି ସେମାନେ ତାଙ୍କୁ ଗ୍ରହଣ କରନ୍ତି ତେବେଯାଇ ହିଁ ସେ ବିବାହ କରିବେ। ଦେବହୁତିଙ୍କ ସମ୍ମତିରେ, ମନୁ ଏବଂ ଶତରୂପା ସେମାନଙ୍କର ବିବାହ ସମ୍ପନ୍ନ କଲେ ଏବଂ ମୁନିଙ୍କୁ ସେମାନଙ୍କ ଝିଅ ହସ୍ତାନ୍ତର କରି ଚାଲିଗଲେ।
ବିବାହ ପରେ ମଧ, ଋଷି ତାଙ୍କ ତପସ୍ୟାରେ ଲିପ୍ତ ରହିଲେ। ସେ କେବେ ଦେବହୁତିଙ୍କ ସହ କଥା ହେଉନଥିଲେ। ଦେବହୁତି ଦିନସାରା ଋଷିଙ୍କ ପାଇଁ ସମସ୍ତ ବ୍ୟବସ୍ଥା କରୁଥିଲେ। ସେ ତାଙ୍କ ଆବଶ୍ୟକତା ପୂରଣ କରୁଥିଲେ।

କର୍ଦମ ଋଷି ତାଙ୍କ ତପସ୍ୟାରେ ଏତେ ବୁଡ଼ି ରହିଥିଲେ ଯେ ତାଙ୍କ ଚାରିପାଖରେ କିଛି ଘଟୁଥିବା କଥା ସେ ଜାଣୁ ନ'ଥିଲେ। ଅନେକ ବର୍ଷ ପରେ, ଦେବହୁତି ଏବେ ପ୍ରୌଢ଼ାବସ୍ଥାରେ ପ୍ରବେଶ କରିଥିଲେ, ତାଙ୍କ କେଶ ଧଳା ହୋଇଯାଇଥିଲା। ଗୋଟିଏ ଦିନ କର୍ଦମ ଋଷି ଏକ ପୁସ୍ତକ ଲେଖିବାରେ ବ୍ୟସ୍ତ ଥିଲେ। ତାଙ୍କ ଦୀପରେ ତେଲ ଶେଷ ହେବାକୁ ଲାଗିଲା। ଦେବହୁତି ଦେଖିଲେ ଯେ ଦୀପ ମଳିନ ହେଉଛି, ତେଣୁ ସେ ଶୀଘ୍ର ଦୀପରେ ତେଲ ଢାଳିଲେ। ଲିଭିଯାଉଥିବା ଦୀପରେ ତେଲ ଢାଳିଲେ, ତାହାର ଆଲୋକ ତୁରନ୍ତ ବୃଦ୍ଧି ପାଏ, ସେହି ଦୀପର ଆଲୋକ ମଧ ବୃଦ୍ଧି ପାଇଥିଲା। ଯେତେବେଳେ କର୍ଦମ ଋଷି ଦେବହୁତିଙ୍କୁ ସେଇ ବର୍ଦ୍ଧିତ ଆଲୋକରେ ଦେଖିଲେ, ସେ ପଚାରିଲେ, "ଦେବୀ, ତୁମେ କିଏ?" ଦେବହୁତି କହିଲେ, "ଆପଣ ଏତେ ବର୍ଷ ଧରି ମୋ ସହିତ କଥା ମଧ ହୋଇନାହଁ, ତେଣୁ ମୁଁ ସବୁବେଳେ ଅନୁଭବ କରୁଥିଲି ଯେ, ଆପଣଙ୍କର ଜ୍ଞାତସାରରେ ଅଛି , ସେଥିପାଇଁ ମୁଁ ଏଠାରେ ଅଛି।" ଋଷି ଆଶ୍ଚର୍ଯ୍ୟ ହୋଇଗଲେ, "ଏତେ ବର୍ଷ ଧରି?" ଦେବହୁତି ତାଙ୍କୁ ମନେ ପକାଇ ଦେଲେ ଯେ ମୁଁ ଦେବହୁତି, ମନୁ ଏବଂ ଶତରୂପାଙ୍କ ଝିଅ। ଆପଣ ମୋତେ ବିବାହ କରିଥିଲେ।

ମୁନି କର୍ଦମ ମନେ ପକାଇଲେ। ସେ କହିଲେ ଯେ," ତୁମେ ଏତେ ବର୍ଷ ଧରି ମୋର ସେବା କରିଆସୁଛି, ତୁମେ ମୋତେ କାହିଁକି କିଛି କହିଲ ନାହିଁ?" ଦେବହୁତି କହିଲେ ଯେ," ମୁଁ ଆପଣଙ୍କୁ କେବେ ଗୋଟିଏ ମୁହୂର୍ତ୍ତ ପାଇଁ ମଧ ଫୁର୍ସତରେ ଦେଖିନାହିଁ, ତେବେ ମୁଁ କେମିତି ଆପଣଙ୍କ ସହିତ କଥା ହୋଇଥାନ୍ତି।" ମୁନି କହିଲେ, "ତୁମେ ଧନ୍ୟ ଦେବୀ। ମୋ ଦ୍ୱାରା ଏତେ ଅବହେଳିତ ହେବା ସତ୍ତ୍ୱେ, ତୁମେ ଏତେ ବର୍ଷ ଧରି ମୋର ସେବା କରୁଛ। ମୁଁ ତୁମ ଉପରେ ବହୁତ ଖୁସି। ତୁମେ କ'ଣ ଚାହୁଁଛ କୁହ? ମୁଁ ତୁମକୁ ଏକ ବରଦାନ ଦେବି।" ଦେବହୁତି ଭାବିଲେ ଯେ ଘରେ କଣ ଅଛି ସେ ବିଷୟରେ ମୁନି କିଛି ଜାଣନ୍ତି ନାହିଁ? ଯଦି ସେ ତାଙ୍କ ପାଇଁ ଖାଦ୍ୟ ରାନ୍ଧିବେ ନାହିଁ, ତେବେ ଜଣାନାହିଁ ସେ କିପରି ଓ କ'ଣ ଖାଇବେ? ଏବେ ସେ ତାଙ୍କୁ ପଚାରୁଛନ୍ତି ଯେ ସେ ତାଙ୍କୁ କ'ଣ ଦେବେ? ସେ ତ ଖାଦ୍ୟ ଇତ୍ୟାଦିର ବ୍ୟବସ୍ଥା କରନ୍ତି, ମୁନିଙ୍କ ପାଖରେ କ'ଣ ଅଛି ଯେ ସେ ତାଙ୍କୁ କିଛି ଦେବେ? ମୁନି କହିଲେ," କିଛି ଚିନ୍ତା କରନାହିଁ। ଦୁନିଆରେ ଏପରି କିଛି ଅପ୍ରାପ୍ତ ନାହିଁ ଯାହା ମୁଁ ତୁମକୁ ଦେଇପାରିବି ନାହିଁ। ଏହି ସମସ୍ତ ଧନ ଏବଂ ସମୃଦ୍ଧି ମୋ ଆଗରେ ଛୋଟ । ଯାଅ, ସରୋବରରେ ସ୍ନାନ କରି ଆସ।"

ଦେବହୁତି ସରୋବରରେ ବୁଡ଼ ପକାଇବା ମାତ୍ରେ ପୁଣି ଥରେ ଯୁବତୀ ହୋଇଗଲେ, ଯେପରି ସେ ବିବାହ ସମୟରେ ଥିଲେ। ତାଙ୍କ ଶରୀରରେ ଏହି ପରିବର୍ତ୍ତନ ଦେଖି ସେ ଆଶ୍ଚର୍ଯ୍ୟ ହୋଇଗଲେ। ମୁନିଙ୍କର ଏହି ସିଦ୍ଧି ଦେଖି ସେ ଆନନ୍ଦିତ ହେଲେ। ସେ ସ୍ନାନ ସାରି ବସ୍ତ୍ର ଆଭୂଷଣ ପିନ୍ଧି ଫେରି ଆସିଲେ। ମୁନି ପୁଣି ପଚାରିଲେ," ମୋ'ଠାରୁ ଆଉ କ'ଣ ଚାହାଁନ୍ତି କୁହନ୍ତୁ? ଦେବହୁତି କହିଲେ ଯେ," ରହିବା ପାଇଁ ଏକ ସୁନ୍ଦର ଘର ହେବା ଉଚିତ।" ମୁନିଙ୍କ ଗୋଟିଏ ଇଙ୍ଗିତରେ ଏକ ସୁନାର ପ୍ରାସାଦ ଦେଖାଦେଲା। ହଜାର ହଜାର ଦାସ ଏବଂ ଦାସୀ, ଆରାମ ଏବଂ ବିଳାସପୂର୍ଣ୍ଣ ଏକ ପ୍ରସାଦ । ମୁନି ଦେବହୁତିଙ୍କୁ ତାଙ୍କର ଅନ୍ୟ ଇଚ୍ଛା ବିଷୟରେ ପଚାରିଲେ। ଦେବହୁତି କହିଲେ ଯେ ତୁମେ ଏକ ପୁତ୍ରର କଥା କହିଥିଲ।" ମୁନି କହିଲେ, "ହଁ, ଠିକ୍।" ତୁମେ ଆଉ କ'ଣ ଚାହୁଁଛ?" ଦେବହୁତି କହିଲେ,"ମୁଁ ଆଜି ପର୍ଯ୍ୟନ୍ତ କୌଣସି ସ୍ଥାନକୁ ବୁଲି ଯାଇନାହିଁ। ମୁଁ ବିଶ୍ୱକୁ ଯେପରି ଅଛି ସେହିପରି ଦେଖିବାକୁ ଚାହୁଁଛି।" ମୁନି ଗୋଟିଏ ଇଙ୍ଗିତରେ ଏକ ଦିବ୍ୟ ବିମାନକୁ ପ୍ରକଟ କରାଇଥିଲେ। ଏହି ଅଧାୟ ଭାଗବତର ଅନେକ ପୃଷ୍ଠାରେ ବର୍ଣ୍ଣିତ ହୋଇଛି।
**ସର୍ବକାଳେ ସୁଖିନଃ:**
ଏହାକୁ ସର୍ବଦା ଖୁସି ଆନନ୍ଦଯୁକ୍ତ ଭାବରେ ବର୍ଣ୍ଣନା କରାଯାଇଛି। ଏହି ବିମାନରେ ମୟୂର ଏବଂ ହରିଣର ପ୍ରତିକୃତି ଅଛି ଏବଂ ଏହି ବିମାନ ମନର ଗତିରେ ଗତି କରେ। ମୁନି ଦେବହୁତିଙ୍କ ହାତ ଧରି ତାଙ୍କୁ ଏହି ରଥରେ ବସାଇ ନଅ ବର୍ଷ ମଧରେ ନଅଟି ଲୋକ ଭ୍ରମଣ କରିଥିଲେ। ଏହି ସମୟ ମଧରେ ତାଙ୍କର ନଅଟି କନ୍ୟା ଜନ୍ମ ହୋଇଥିଲେ। ମୁନି ଝିଅମାନଙ୍କ ସହିତ ତାଙ୍କ ଆଶ୍ରମକୁ ଫେରି ଆସିଥିଲେ। ପାଖରେ ଥିବା ରାଜପ୍ରାସାଦରେ ତାଙ୍କ ଝିଅମାନଙ୍କ ସହିତ ରହିବା ପାଇଁ, ମୁନି ଦେବହୁତିଙ୍କୁ କହିଲେ। ଦେବହୁତି କହିଲେ ଯେ ଏସବୁ ଠିକ୍ ଅଛି କିନ୍ତୁ ମୋର ପୁତ୍ର ହୋଇନାହିଁ। ତେଣୁ ମୁନି କହିଥିଲେ ଯେ," ଈଶ୍ୱର ସ୍ୱୟଂ ତୁମର ପୁତ୍ର ରୂପରେ ଆସିବେ।" ସେହି ପୁତ୍ର ସାଧାରଣ ହେବ ନାହିଁ।ସେଥିପାଇଁ ମୁନି ଦେବହୁତିଙ୍କୁ ଏକ ମନ୍ତ୍ର ଜପ କରିବାକୁ କହିଥିଲେ। ସେ ତାଙ୍କୁ ସମସ୍ତ ପଦ୍ଧତି କହିଲେ। କିଛି ଦିନ ପରେ ସ୍ୱୟଂ ଭଗବାନ ନାରାୟଣ ଦେବହୁତିଙ୍କ ଗର୍ଭରେ ଆସିଲେ। ପୁତ୍ର ପ୍ରାପ୍ତି ପରେ ମୁନି କହିଲେ ଯେ," ଏବେ ମୋର କଥା ସମ୍ପୂର୍ଣ୍ଣ ହୋଇଛି, ଏବେ ମୁଁ ଯାଉଛି।" ଦେବହୁତି କହିଲେ ଯେ, "ଏବେ ମୁଁ ଏହି ଜୀବନ ସହିତ କ'ଣ କରିବି? ତେଣୁ ତୁମେ ମୋକ୍ଷ ପ୍ରାପ୍ତି ପାଇଁ ମୋତେ ସାଙ୍ଗରେ ନେଇଯାଅ।" ଉତ୍ତରରେ ଋଷି କହିଲେ ଯେ,"**ତୁମେ ସ୍ୱୟଂ ଈଶ୍ୱରଙ୍କୁ ଜନ୍ମ ଦେଇଛ। ଯେତେବେଳେ ସମୟ ଆସିବ, ସ୍ୱୟଂ ପରମେଶ୍ୱର**


**ତୁମକୁ ମୋକ୍ଷ ପ୍ରାପ୍ତି ପାଇଁ ଉପଦେଶ ଦେବେ।"**

**ଯେତେବେଳେ ତାଙ୍କ ପୁଅ କପିଳ ମୁନି ଟିକେ ବଡ଼ ହେଲେ, ଦେବହୁତି ଏହି ପିଲାଠାରୁ ବ୍ରହ୍ମ ଜ୍ଞାନ ଜାଣିବାର ଇଚ୍ଛା ପ୍ରକାଶ କରିଥିଲେ।** ସେହି ସମୟରେ କପିଳ ମୁନି ତାଙ୍କ ମାତାଙ୍କୁ ଦେଇଥିବା **ସାଂଖ୍ୟ ଯୋଗର ଉପଦେଶ ଏବେ ଆମର ସାଂଖ୍ୟ ଦର୍ଶନ** ଭାବରେ ବିଦିତ।

**କଳା, ଅନସୂୟା, ଶ୍ରଦ୍ଧା, ହବିର୍ଭୂ, ଗତି, କ୍ରିୟା, ଖ୍ୟାତି, ଅରୁନ୍ଧତୀ ଏବଂ ଶାନ୍ତି ହେଉଛି ଦେବହୁତିଙ୍କ କନ୍ୟାଙ୍କ ନାମ।**

କପିଳ ମୁନିଙ୍କ ବିଷୟରେ ଅନ୍ୟ କାହାଣୀ ଅଛି। କପିଳ ମୁନିଙ୍କ ଅଭିଶାପ ଯୋଗୁଁ ରାଜା ସାଗରଙ୍କ ଷାଠିଏ ହଜାର ପୁତ୍ର ଅଗ୍ନିରେ ଭସ୍ମ ହୋଇ ଯାଇଥିଲେ। ପରେ ଭାଗୀରଥ ଗଙ୍ଗା ମାତାଙ୍କୁ ପୃଥିବୀକୁ ଆଣି ତାଙ୍କୁ ଉଦ୍ଧାର କରିଥିଲେ। ସେ ନେପାଳର କପିଳବାସ୍ତୁ ନାମକ ସ୍ଥାନରେ ଜନ୍ମଗ୍ରହଣ କରିଥିଲେ,ତାଙ୍କ ଜନ୍ମ ଯୋଗୁଁ ସେହି ସ୍ଥାନର ନାମ କପିଳବାସ୍ତୁ ରଖାଯାଇଥିଲା।

ଏଠାରେ ସାଂଖ୍ୟ ଯୋଗର ବର୍ଣ୍ଣନା କରାଯାଇଛି। ସାଂଖ୍ୟର ଅର୍ଥ ସଂଖ୍ୟା। ଯେତେବେଳେ ବି ସଂଖ୍ୟା ଦୃଷ୍ଟିରୁ ବ୍ରହ୍ମାଙ୍କ ବିଷୟରେ ବିଚାର କରାଯାଏ, ତାହାକୁ ସାଂଖ୍ୟ କୁହାଯାଏ। ଆମେ ନିମ୍ନଲିଖିତ ସ୍ଲାଇଡ୍ ମାଧ୍ୟମରେ ଏହା ବୁଝିପାରିବା-




ଏକ ରୁ ପଚିଶ ପର୍ଯ୍ୟନ୍ତ ତତ୍ତ୍ୱ, ବିଭିନ୍ନ ଋଷିମାନେ ସମଗ୍ର ବ୍ରହ୍ମାଣ୍ଡ ବିଷୟରେ ଚିନ୍ତା ବିଚାର କରିଛନ୍ତି। ପ୍ରଥମତଃ, ସେ **ପୁରୁଷ,** ଅର୍ଥାତ୍ ଯେତେବେଳେ ଏହି ଜଗତ ଅସ୍ତିତ୍ୱହୀନ ଥିଲା, ସମୟ ନ'ଥିଲା, ଆକାଶ ନ'ଥିଲା, ଗ୍ରହ ଏବଂ ବାକି ବିଷୟରେ କୌଣସି ଆଲୋଚନା ନ'ଥିଲା, ସେହି ସମୟର ଅବସ୍ଥାକୁ **ପୁରୁଷ** କୁହାଯାଏ।

ଯେଉଁ ସମୟରେ ସମୟ ବୋଲି କିଛି ନାହିଁ। ବିଲୟ ଘଟିବାର ଏବଂ ବ୍ରହ୍ମାଣ୍ଡର ସୃଷ୍ଟି ହେବାର ମଧ୍ୟବର୍ତ୍ତୀ ଅବସ୍ଥା। ପ୍ରଳୟ କାଳ ପରେ, ନୂତନ ସୃଷ୍ଟି ନ ହେବା ପର୍ଯ୍ୟନ୍ତ ସେହି ସମୟ ମଧ୍ୟରେ ଯାହା ରହିଥାଏ, ତାହା ପୁରୁଷ। ତା'ପୂର୍ବରୁ ଯେଉଁ ତତ୍ତ୍ୱର ସୃଷ୍ଟି ହୁଏ ତାହା ହେଉଛି ପ୍ରକୃତି। ପ୍ରକୃତିରୁ, **ମହଦ୍ ବୁଦ୍ଧି** ସୃଷ୍ଟି ହୁଏ। **ମହଦ୍‌ବୁଦ୍ଧିରୁ, ସମଷ୍ଟି** (ବ୍ରହ୍ମାଣ୍ଡ) ସୃଷ୍ଟି ହୁଏ।

ତା'ପରେ ଅହଂକାର ସୃଷ୍ଟି ହୁଏ। ସମଷ୍ଟି **ଅହଂକାରରୁ,** ମନ ସୃଷ୍ଟି ହୁଏ, ପାଞ୍ଚ ଜ୍ଞାନେନ୍ଦ୍ରିୟ ଅଙ୍ଗ ଏବଂ ପାଞ୍ଚଟି କର୍ମେନ୍ଦ୍ରିୟ ଅଙ୍ଗ ସୃଷ୍ଟି ହୁଏ। **ଶ୍ରୋତ୍ର, ତ୍ୱଚା, ଚକ୍ଷୁ, ଜିହ୍ୱା ଏବଂ ପ୍ରାଣ ଜ୍ଞାନେନ୍ଦ୍ରିୟ** ଏବଂ **ହାତ, ପାଦ, ବାକ୍, ମଳଦ୍ୱାର ଏବଂ ଜନନେନ୍ଦ୍ରିୟ।**

ଏଥିରୁ ତନ୍ମାତ୍ରାୟ ଗୁଡ଼ିକ ହେଉଛି- **ଶବ୍ଦ, ସ୍ପର୍ଶ, ରୂପ, ସ୍ୱାଦ ଏବଂ ଗନ୍ଧ**।

ଏହି ମହାଭୂତ ଗୁଡ଼ିକ ହେଉଛି **ଆକାଶ, ବାୟୁ, ଅଗ୍ନି, ଜଳ ଏବଂ ପୃଥିବୀ।**

**ସମଷ୍ଟି** ଅହଂକାର ପରେ, ଏହି ତିନୋଟି ଗୁଣ ସୃଷ୍ଟି ହୋଇଥିଲେ। ଯଥା - **ସାତ୍ତ୍ୱିକ, ରାଜସିକ ଏବଂ ତାମସିକ ଗୁଣ।** ଏଗୁଡ଼ିକ କାର୍ଯ୍ୟ ମାଧ୍ୟମରେ ସୃଷ୍ଟି ହୋଇଛନ୍ତି।

ଏହି ପଚିଶଟି ତତ୍ତ୍ୱକୁ ସାଙ୍ଖ୍ୟ କୁହାଯାଏ। କେତେକ କୁହନ୍ତି ଯେ ମୁଁ ଏଗୁଡ଼ିକୁ ସମାନ ବୋଲି ବିବେଚନା କରେ।

**एको ब्रह्म द्वितीयो नास्ति।**

କେତେକ କୁହନ୍ତି ଯେ ମୁଁ ଦୁଇଟିରେ ବିଶ୍ୱାସ କରେ - **ପ୍ରକୃତି ଏବଂ ପୁରୁଷ।**

କେତେକ କୁହନ୍ତି ଯେ ମୁଁ ତିନିରେ ବିଶ୍ୱାସ କରେ - **ପ୍ରକୃତି, ପୁରୁଷ ଏବଂ ଜୀବ।**

ଏକ ରୁ ପଚିଶ ପର୍ଯ୍ୟନ୍ତ, ବିଭିନ୍ନ ଦର୍ଶନରେ ବିଭିନ୍ନ ଋଷିମାନେ ସଙ୍ଖ୍ୟାତ୍ମକ ଚିନ୍ତାଧାରାକୁ ସାଙ୍ଖ୍ୟ ଦର୍ଶନ ବୋଲି କହିଛନ୍ତି।

ଶ୍ରୀ ଭଗବାନ ମଧ ଭଗବଦ୍ ଗୀତାରେ ପ୍ରକୃତି ଏବଂ ପୁରୁଷଙ୍କ ବିଷୟରେ ବିଚାର କରିଛନ୍ତି ଏବଂ ପରେ ନିଜକୁ ପୁରୁଷୋତ୍ତମ ବୋଲି କହିଛନ୍ତି। ଶ୍ରୀ ଭଗବାନ ପଞ୍ଚଦଶ ଅଧ୍ୟାୟରେ ତିନୋଟି ତତ୍ତ୍ୱକୁ ବିଶ୍ୱାସ କରିଛନ୍ତି।

**ଏହି ଅଧ୍ୟାୟରେ ମୂଳତଃ ଜ୍ଞାନ ଅଛି ଏବଂ ତାହା ହେଉଛି ସାଙ୍ଖ୍ୟ ଆଧାରିତ ଜ୍ଞାନ।**

**2.1**

**ସଞ୍ଜୟ ଉବାଚ**

**ତଂ(ନ୍) ତଥା କୃପୟାବିଷ୍ଟମ୍, ଅଶ୍ରୁପୂର୍ଣ୍ଣାକୁଲେକ୍ଷଣମ୍।**
**ବିଷୀଦନ୍ତମିଦଂ(ୱୁଁ) ବାକ୍ୟମ୍, ଉବାଚ ମଧୁସୂଦନଃ॥2.1॥**

ସଞ୍ଜୟ କହିଲେ- ସେପରି କରୁଣାବିଷ୍ଟ ଏବଂ ଅଶ୍ରୁପୂର୍ଣ୍ଣ ବ୍ୟାକୁଳ ନେତ୍ର ଶୋକାକୁଳ ଅର୍ଜୁନଙ୍କୁ ଭଗବାନ ମଧୁସୂଦନ ଏହି କଥା କହିଲେ,-

**ବିବେଚନ -**

ସଞ୍ଜୟ କହିଲେ, କାପୁରୁଷତାରେ ପୂର୍ଣ୍ଣ ଅର୍ଜୁନ ବିଷାଦ ଗ୍ରସ୍ତ ଅଛନ୍ତି । ତାଙ୍କର ଅଶ୍ରୁ ପୂର୍ଣ୍ଣ ଚକ୍ଷୁ ରେ ଦେଖିବାର ଶକ୍ତି ଅବରୁଦ୍ଧ ହୋଇ ଯାଉଛି। ଅର୍ଜୁନ ଗଭୀର ଭାବେ ଶୋକମଗ୍ନ। ଶ୍ରୀ ଭଗବାନ ରଥକୁ ନେଇ ଦ୍ରୋଣାଚାର୍ଯ୍ୟ ଏବଂ ଭୀଷ୍ମଙ୍କ ସମ୍ମୁଖରେ ଛିଡ଼ା କରାଇ ଦେଲେ। ତାଙ୍କ ସମ୍ମୁଖରେ ଉଭୟଙ୍କୁ ଦେଖି ଅର୍ଜୁନ ଭାବିଲେ ଯେ ସେ ସେମାନଙ୍କ ଦ୍ୱାରା ନିହତ ହେବେ କିମ୍ବା ତାଙ୍କ ଦ୍ୱାରା ସେମାନଙ୍କର ମୃତ୍ୟୁ ହେବ। ଏହା ଭାବି ସେ କମ୍ପି ଉଠିଲେ। ତାଙ୍କର ମନ ଅସ୍ଥିର ହୋଇଗଲା ଏବଂ ସେ ବହୁତ କାନ୍ଦିଲେ (ପ୍ରଥମ ଅଧ୍ୟାୟରେ)। ଅଶ୍ରୁ ପୂର୍ଣ୍ଣ ନୟନରେ ସେ କହିଲେ ଯେ, ଗାଣ୍ଡୀବ ତାଙ୍କ ହାତରୁ ଖସିଯାଉଛି। ସେ ଗାଣ୍ଡୀବକୁ ଧରି ରଖିବାକୁ ସକ୍ଷମ ହୋଇ ପାରୁନାହାଁନ୍ତି। ସେ ଛିଡ଼ା ହେବାକୁ ମଧ ସକ୍ଷମ ନ'ଥିଲେ ଏବଂ ସେ ବସିଯିବା ପାଇଁ ଭାବୁଥିଲେ।

ସଞ୍ଜୟ ଧୃତରାଷ୍ଟ୍ରଙ୍କୁ ଅର୍ଜୁନଙ୍କର ଏହି ଅବସ୍ଥା ବର୍ଣ୍ଣନା କରି କହୁଛନ୍ତି ଯେ;

**ଅଶ୍ରୁପୂର୍ଣ୍ଣକୁଲେକ୍ଷଣମ୍ -** ଅର୍ଜୁନ ଅତ୍ୟନ୍ତ କରୁଣା ଏବଂ ଦୁଃଖରେ ଅଶ୍ରୁ ପୂର୍ଣ୍ଣ ହେଇ ଯାଇଛନ୍ତି।

**ବିଷିଦନ୍ତମିଦମ୍** - ସେ ଅତ୍ୟନ୍ତ ଦୁଃଖିତ ଅଛନ୍ତି।

ଅର୍ଜୁନଙ୍କୁ ଏପରି ଅବସ୍ଥାରେ ଦେଖିବା ପରେ ମଧ, ପ୍ରଭୁ ଶ୍ରୀକୃଷ୍ଣ କିଛି କହୁନାହାନ୍ତି। ସେ କେବଳ ହସୁଛନ୍ତି।

**2.2**

**ଶ୍ରୀ ଭଗବାନୁବାଚ**

**କୁତସ୍ତ୍ୱା କଶ୍ମଲମିଦଂ(ୱୁଁ), ବିଷମେ ସମୁପସ୍ଥିତମ୍।**
**ଅନାର୍ୟଜୁଷ୍ଟମସ୍ୱର୍ଗ୍ୟମ୍, ଅକୀର୍ତିକରମର୍ଜୁନ॥2.2॥**

ଶ୍ରୀ ଭଗବାନ କହିଲେ- ହେ ଅର୍ଜୁନ ! ତୁମକୁ ଏହି ଅସମୟରେ ଏହି ମୋହ କେଉଁଠୁ ଆସିଗଲା ? କାରଣ ଏହା ଶ୍ରେଷ୍ଠ ପୁରୁଷମାନଙ୍କ ଦ୍ୱାରା ଆଚରିତ ନୁହେଁ, କିମ୍ବା ସ୍ୱର୍ଗପ୍ରଦାୟକ କି କୀର୍ତ୍ତିପ୍ରଦାୟକ ମଧ ନୁହେଁ ।

**ବିବେଚନ -:**

ଶ୍ରୀ ଭଗବାନ ଅର୍ଜୁନଙ୍କୁ ଭର୍ତ୍ସନା କରି କହିଲେ, ଅର୍ଜୁନ! ତୁମେ ଏହି ଅସମୟର ଆସକ୍ତି ବା କାୟରତା କେଉଁଠାରୁ ପାଇଲ, କାରଣ ଏହା

ମହାନ ପୁରୁଷଙ୍କ ଆଚରଣ ନୁହେଁ ଏବଂ ସ୍ୱର୍ଗ ପ୍ରାପ୍ତ କରିବାର କୀର୍ତ୍ତି ମଧ୍ୟ ନୁହେଁ।

**କଶ୍ମଲ** - ଅର୍ଥ କଳା। ଶ୍ରୀ ଭଗବାନ କହିଲେ, "ତୁମ ମନରେ ଏହି କଳା ଚିନ୍ତା ବା ଅପଚିନ୍ତା କେଉଁଠାରୁ ଆସିଲା?" ଏଗୁଡ଼ିକ ଆସକ୍ତିରୁ ଜନ୍ମ ହୋଇଛି।

**ବିଷମେ** - ଅର୍ଥାତ୍ ଭୁଲ ସମୟରେ କୁହାଯାଇଥିବା କିଛି କଥା।

ଯେପରି ମୋଦି ମହାଶୟ ଯୁଦ୍ଧ ଘୋଷଣା କଲେ ଏବଂ ଲେଫ୍ଟନାଣ୍ଟ ଜେନେରାଲ ଆସି କହିଲେ ଯେ," କିଛି ସମୟ ହେଲା ମୋର ମନ ଜୈନ ଧର୍ମ ପ୍ରତି ଅଧିକ ଆକର୍ଷିତ। ମୁଁ ଅହିଂସା ଅନୁସରଣ କରିବାକୁ ଚାହୁଁଛି। ମୁଁ ଯୁଦ୍ଧ ଲଢ଼ିବି ନାହିଁ", ତେବେ ଏହା ତ ଅସମୟ ହୋଇଯାଉଛି। ଯୁଦ୍ଧ ଘୋଷଣା କରିବା ପରେ, କେହି ଅହିଂସା ବିଷୟରେ କଥା କିପରି ହୋଇପାରିବେ କି?
ଶ୍ରୀ ଭଗବାନ ମଧ୍ୟ ସେହି କଥା କହିଥିଲେ ଯେ, ଅର୍ଜୁନ! ବର୍ତ୍ତମାନର ସମୟ ଅନୁସାରେ କଥା ହୁଅ। ଯୁଦ୍ଧ ଆରମ୍ଭ ହେବାକୁ ଯାଉଛି। ଶ୍ରୀ ଭଗବାନ ତିନୋଟି ଗୁରୁତ୍ୱପୂର୍ଣ୍ଣ କଥା କହିଥିଲେ -

**ଅନାର୍ଯ୍ୟମ** - ଅର୍ଜୁନ, ତୁମେ ଯାହା କହୁଛ ତାହା ଆର୍ଯ୍ୟମାନଙ୍କର କଥା ନୁହେଁ। (ଏଠାରେ ଆମେ ଜାଣିବାକୁ ପାଇଲୁ ଯେ ଆର୍ଯ୍ୟ କୌଣସି ଜାତି ନୁହେଁ। ଆର୍ଯ୍ୟଙ୍କ ଅର୍ଥ ହେଉଛି ଯିଏ ଭଲ କାମ କରେ, ଯିଏ ସର୍ବଦା ଠିକ୍ କାମ ବାଛିଥାଏ, ଯିଏ ଭୁଲ କାମ କରେ ନାହିଁ ସେ ହେଉଛନ୍ତି ଆର୍ଯ୍ୟ। ଯିଏ ସମସ୍ତ ଭୁଲ କାମ କରେ ତାଙ୍କୁ ଅନାର୍ଯ୍ୟ କୁହାଯାଏ, ତେଣୁ ରାକ୍ଷସମାନଙ୍କୁ ଅନାର୍ଯ୍ୟ କୁହାଯାଏ)।
ଶ୍ରୀ ଭଗବାନ କହିଛନ୍ତି ଯେ ଆମର ଉଦ୍ଦେଶ୍ୟ ଅଶୀ-ନବେ ପ୍ରତିଶତ ଠିକ୍ କାମ କରିବା ଉଚିତ।
ଆମେ ଏହାକୁ ଆମ ଦୃଷ୍ଟିକୋଣରୁ ମଧ୍ୟ ଦେଖୁ। ଯଦି ମୁଁ ପୁଅ, ତେବେ ମୋ ବାପାଙ୍କ ପ୍ରତି ମୋର କର୍ତ୍ତବ୍ୟ କ'ଣ ଏବଂ ଯଦି ମୁଁ ବାପା, ତେବେ ମୋ ପୁଅ ପ୍ରତି ମୋର କର୍ତ୍ତବ୍ୟ କ'ଣ? ଯଦି ମୁଁ ସ୍ୱାମୀ, ତେବେ ମୋ ସ୍ତ୍ରୀଙ୍କ ପ୍ରତି ମୋର କର୍ତ୍ତବ୍ୟ କ'ଣ ଏବଂ ଯଦି ମୁଁ ସ୍ତ୍ରୀ, ତେବେ ମୋ ସ୍ୱାମୀଙ୍କ ପ୍ରତି ମୋର କର୍ତ୍ତବ୍ୟ କ'ଣ? ଯଦି ମୁଁ ବୋହୂ, ମୋର ଶାଶୁଙ୍କ ପ୍ରତି ମୋର କର୍ତ୍ତବ୍ୟ କ'ଣ ଏବଂ ଯଦି ମୁଁ ଶାଶୁ, ତେବେ ମୋ ବୋହୂଙ୍କ ପ୍ରତି ମୋର କର୍ତ୍ତବ୍ୟ କ'ଣ? ପଡ଼ୋଶୀଙ୍କ ପ୍ରତି ତାଙ୍କ ପଡ଼ୋଶୀଙ୍କ କର୍ତ୍ତବ୍ୟ କ'ଣ? ଯଦି ମୁଁ ଜଣେ ନାଗରିକ, ତେବେ ମୋ ଦେଶ ପ୍ରତି ମୋର କର୍ତ୍ତବ୍ୟ କ'ଣ? ଯଦି ମୁଁ ଜଣେ ହିନ୍ଦୁ, ତେବେ ମୋ ଧର୍ମ ପ୍ରତି ମୋର କର୍ତ୍ତବ୍ୟ କ'ଣ? ଆମେ ଯେ କୌଣସି ଭୂମିକା ଗ୍ରହଣ କରୁଛୁ, ସେଥିରେ ଆମର କର୍ତ୍ତବ୍ୟ କ'ଣ? ସେଗୁଡ଼ିକୁ ପୂରଣ କରିବା ହିଁ ଆର୍ଯ୍ୟ। ଯଦି ଆମେ ଆମର କର୍ତ୍ତବ୍ୟ ପାଳନ ନ କରୁ, ତେବେ ତାହା ଅନାର୍ଯ୍ୟ। ଆମେ କିଛି ପ୍ରସିଦ୍ଧି ପାଇବୁ କି ନାହିଁ ତାହା ଭବିଷ୍ୟତର ବିଷୟ। ସାଧାରଣ କର୍ତ୍ତବ୍ୟ ପାଳନ କରି ଲୋକମାନେ ପ୍ରସିଦ୍ଧି ପାଇବା ଆରମ୍ଭ କରନ୍ତି। ଯଦି ଆପଣ ଋଣ ନିଅନ୍ତି ଏବଂ ଏକ ବଡ଼ ଗାଡ଼ି କିଣନ୍ତି, ତେବେ ଆପଣ ପଡ଼ୋଶୀ ରେ ପ୍ରସିଦ୍ଧ ହୋଇଯାଆନ୍ତି। ଆମେ ଏକ ବଡ଼ ଗାଡ଼ି କିଣୁ କିନ୍ତୁ ସମଗ୍ର ପରିବାରକୁ ଋଣରେ ବୁଡ଼ାଇ ଦେଉ,କିନ୍ତୁ ଏହା ହେଉଛି ଅନାର୍ଯ୍ୟ ଭାବ। ପ୍ରସିଦ୍ଧି ପାଇବା ପାଇଁ, ଆମେ ଆମର ପ୍ରମୁଖ୍ କର୍ତ୍ତବ୍ୟକୁ ଉଲ୍ଲଂଘନ କରି ଦେଉ। ଆମେ ପ୍ରସିଦ୍ଧି ପାଉ କି ନ ପାଉ, ଆମେ ସ୍ୱର୍ଗ ଯାଇପାରୁ କି ନ ପାରୁ, ଆମେ ଆମର ପ୍ରମୁଖ କର୍ତ୍ତବ୍ୟ ଉଲ୍ଲଂଘନ କରିବା ଉଚିତ୍ ନୁହେଁ।
କେହି ଜଣେ ପଚାରିଲେ ଯେ ଆମେ କିପରି ଜାଣିବୁ ଯେ ଆମର ଧର୍ମ କ'ଣ?
ସ୍ୱାମୀ ଶରଣାନନ୍ଦ ମହାରାଜ କହିଥିଲେ ଯେ, **स्वविवेकादातयु (**ସ୍ୱବିବେକାଦାତ୍ୟୁ) - ଅର୍ଥ ହେଉଛି ତୁମର ବୁଦ୍ଧି ଯାହା କହେ ତାହା ତୁମର କର୍ତ୍ତବ୍ୟ, ତାହା କର। ବାକି ସବୁ ଛାଡ଼ି ଦିଅ।
ଶ୍ରୀ ଭଗବାନ କହିଥିଲେ ଯେ," ଅର୍ଜୁନ, ତୁମେ ମହାରାଜ ଯୁଧିଷ୍ଠିରଙ୍କର ସୈନିକ। ତୁମେ ନିଜର ନିଷ୍ପତ୍ତି ନେଇପାରିବ ନାହିଁ। ସମସ୍ତ ସୈନିକଙ୍କୁ ଯୁଦ୍ଧ କରିବାକୁ ପଡିବ। ସେମାନେ ଏଥିରେ ନିଜ ଇଚ୍ଛାରେ କିଛି କରି ପାରିବେ ନାହିଁ। ସେମାନଙ୍କର ଏପରି ଅଧିକାର ମଧ୍ୟ ନାହିଁ। ଏହା ସେମାନଙ୍କର କର୍ତ୍ତବ୍ୟ।

**ଅସ୍ୱର୍ଗ୍ୟମ୍** - ତୁମେ ଯାହା କହିଛ ତାହା ଦ୍ୱାରା ତୁମେ ସ୍ୱର୍ଗ ପାଇବ ନାହିଁ, କାରଣ ତୁମେ ତୁମର ରାଜାଙ୍କସହ ବିଶ୍ୱାସଘାତ କରୁଛ। ତୁମେ ତାଙ୍କ ଆଦେଶ ଉଲ୍ଲଂଘନ କରୁଛ।

**ଅକୀର୍ତ୍ତିକରମ୍ -** ଏହା ଦ୍ୱାରା ତୁମେ ପ୍ରସିଦ୍ଧି ପାଇବ ନାହିଁ, ବରଂ ତୁମର ଅପକୀର୍ତ୍ତୀ ହେବ। ଲୋକମାନେ ତୁମ ଉପରେ ହସିବେ। ତୁମେ ସ୍ୱର୍ଗ ଲୋକ ତ ପାଇପାରିବ ନାହିଁ କିନ୍ତୁ ତୁମେ ନର୍କ ମଧ୍ୟ ପାଇବା ଉଚିତ୍ ନୁହେଁ।

**2.3**

## କ୍ଲୈବ୍ୟଂ(ମ୍) ମା ସ୍ମ ଗମଃ(ଫ୍) ପାର୍ଥ, ନୈତତ୍ତ୍ୱୟ୍ୟୁପପଦ୍ୟତେ
## କ୍ଷୁଦ୍ରଂ(ମ୍) ହୃଦୟଦୌର୍ବଲ୍ୟଂ(ନ୍), ତ୍ୟକ୍ତ୍ୱୋତ୍ତିଷ୍ଠ ପରନ୍ତପ ॥3॥

ତେଣୁ ହେ ଅର୍ଜୁନ ! ନପୁଂସକତା ପ୍ରାପ୍ତ ହୁଅ ନାହିଁ । ତୁମ ପକ୍ଷରେ ଏହା ଉଚିତ୍ ନୁହେଁ । ହେ ଶତୃତାପନ ! ହୃଦୟର ତୁଛ ଦୁର୍ବଳତା ତ୍ୟାଗକରି ଯୁଦ୍ଧ କରିବାକୁ ଠିଆ ହୋଇଯାଅ ।

**ବିବେଚନ -:**
ହେ ପୃଥାନନ୍ଦନ ଅର୍ଜୁନ ! ତୁମେ ନପୁଂସକ ହୁଅ ନାହିଁ, ଏହା ତୁମ ପାଇଁ ଉପଯୁକ୍ତ ନୁହେଁ। ତୁମର ତପସ୍ୟା ଦ୍ୱାରା, ତୁମେ ମହାଦେବଙ୍କୁ ସନ୍ତୁଷ୍ଟ କରି ସେହି ଦିବ୍ୟ ଅସ୍ତ୍ରଗୁଡ଼ିକୁ ପ୍ରାପ୍ତ କରିଛ ଯାହା ପୂର୍ବରୁ ପୃଥିବୀରେ କେବେ  ନଥିଲା। ତୁମର ନିଜ ଶକ୍ତି ବଳରେ, ସଶରୀରରେ ଗୋଟିଏ ବର୍ଷ ସ୍ୱର୍ଗରେ ବିତାଇ ଫେରି ଆସିଛ।
ହେ ପରନ୍ତପ ! ହୃଦୟର ଏହି ସାମାନ୍ୟ ଦୁର୍ବଳତାକୁ ତ୍ୟାଗ କର ଏବଂ ଯୁଦ୍ଧ ପାଇଁ ପ୍ରସ୍ତୁତ ହୁଅ।

**2.4**

## ଅର୍ଜୁନ ଉବାଚ

## କଥଂ(ମ୍) ଭୀଷ୍ମମହଂ(ମ୍) ସଙ୍ଖ୍ୟେ, ଦ୍ରୋଣଂ(ଞ୍) ଚ ମଧୁସୂଦନ
## ଇଷୁଭିଃ(ଫ୍) ପ୍ରତି ୟୋତ୍ସ୍ୟାମି, ପୂଜାର୍ହାବରିସୂଦନ ॥4॥

ଅର୍ଜୁନ କହିଲେ- ହେ ମଧୁସୂଦନ ! ରଣଭୂମି ରେ ଭୀଷ୍ମ ପିତାମହ ଓ ଦ୍ରୋଣାଚାର୍ଯ୍ୟଙ୍କ ବିରୁଦ୍ଧରେ ମୁଁ କିପରି ବାଣ ମାରି ପାରିବି କାରଣ, ହେ ଅରିସୂଦନ ! ସେ ଦୁହେଁ ମୋର ପୂଜନୀୟ ।

**ବିବେଚନ :-**
ଅର୍ଜୁନ କହୁଛନ୍ତି,  ହେ ମଧୁସୂଦନ ! ," ମଧୁ ନାମକ ରାକ୍ଷସକୁ ବଧ କରିବା ବାଲା! ସମସ୍ତ ଶତ୍ରୁ ମାନଙ୍କୁ ବଧ କରିବା ବାଲା ! ଶୁଣନ୍ତୁ, ମୁଁ ରଣଭୂମିରେ ପିତାମହ ଭୀଷ୍ମ ଏବଂ ଗୁରୁ ଦ୍ରୋଣାଚାର୍ଯ୍ୟଙ୍କ ସହିତ କିପରି, ଯୁଦ୍ଧ କରି ପାରିବି? ହେ ଅରିସୁଦନ ! ସେମାନେ ଉଭୟ ମୋର ପୂଜନୀୟ। ସେମାନେ ସାଧାରଣ ବ୍ୟକ୍ତି ନୁହନ୍ତି।"
ମୁଁ ପିଲାବେଳେ ଖେଳିସାରି ମଇଳା ବସ୍ତ୍ରରେ ଘରକୁ ଫେରିଲା ପରେ ଶ୍ୱେତବସ୍ତ୍ର ପରିଧାନ କରିଥିବା ପିତାମହ ଭୀଷ୍ମ ମୋତେ ନିକଟକୁ ଡାକି କୋଳରେ ବସାଉଥିଲେ। ସେ ତାଙ୍କର ଶ୍ୱେତବସ୍ତ୍ରର ପରିଷ୍କାର ପ୍ରତି ତିଳେମାତ୍ର ଭ୍ରୂକ୍ଷେପ ନ'କରି, ମୋତେ ତାଙ୍କ କୋଳରେ ବସାଇ କୁଣ୍ଢେଇ ପକାଉଥିଲେ। ତା'ପରେ ନିଜର ବସ୍ତ୍ର ବଦଳାଉଥିଲେ। ଏହା ତାଙ୍କର ଦୈନନ୍ଦିନ କାର୍ଯ୍ୟ ଥିଲା।
ଯେଉଁ ଗୁରୁ ମୋତେ ସଂସାରର ସବୁଠାରୁ ବଡ଼ ଧନୁର୍ଦ୍ଧର କରି ଗଢି ତୋଳିବା ପାଇଁ ଶପଥ ନେଇଥିଲେ, ନୀତି ବିରୁଦ୍ଧରେ ଯାଇ ମୋ ପାଇଁ ଏକଲବ୍ୟ ଠାରୁ ତାର ଆଙ୍ଗୁଠି ଦକ୍ଷିଣାରେ ମାଗିନେଇ ମୋତେ ସଂସାରର ସବୁଠାରୁ ବଡ଼ ଧନୁର୍ଦ୍ଧର କରି ଗଢିଥିଲେ,  ଯିଏ ନିଜର ପୁତ୍ରକୁ ବ୍ରହ୍ମାସ୍ତ୍ର ପ୍ରୟୋଗର ଶିକ୍ଷା ଦେଲେ ନାହିଁ, କିନ୍ତୁ ମୋତେ ଶିଖାଇଥିଲେ, ନିଜ ପୁତ୍ର ଠାରୁ ମଧ ଅଧିକ ମୋର ଲାଳନପାଳନ କରିଥିଲେ,  ଯିଏ ମୋତେ ପ୍ରେମ କରୁଥିବା କାରଣରୁ କର୍ଣ୍ଣଙ୍କୁ ଧନୁର୍ବିଦ୍ୟା ଶିକ୍ଷା ଦେଲେ ନାହିଁ, ତାଙ୍କ ଉପରେ ମୁଁ କିପରି ଅସ୍ତ୍ର ଚାଳନା କରି ପାରିବି?

**2.5**

## ଗୁରୂନହତ୍ୱା ହି ମହାନୁଭାବାନ୍,
## ଶ୍ରେୟୋ ଭୋକ୍ତୁଂ(ମ୍) ଭୈକ୍ଷ୍ୟମପୀହ ଲୋକେ
## ହତ୍ୱାର୍ଥକାମାଂସ୍ତୁ ଗୁରୂନିହୈବ,
## ଭୁଞ୍ଜୀୟ ଭୋଗାନ୍ରୁଧିରପ୍ରଦିଗ୍ଧାନ୍ ॥5॥

ତେଣୁ ଏହି ମହାନୁଭବ ଗୁରୁଜନମାନଙ୍କୁ ମାରିବା ଅପେକ୍ଷା ମୁଁ ଏହି ଲୋକରେ ଭିକ୍ଷାନ୍ନ ଦ୍ୱାରା ଜୀବିକା ନିର୍ବାହ କରିବା କଲ୍ୟାଣକର ବୋଲି ମନେ କରୁଛି; କାରଣ ଗୁରୁଜନମାନଙ୍କୁ ମାରିଲେ ଏହି ଲୋକରେ ସେମାନେ ରକ୍ତସିକ୍ତ ଅର୍ଥ ଓ କାମରୂପକ ଭୋଗ ସାମଗ୍ରୀ ହିଁ ତ ଭୋଗ କରିବି ।

**ବିବେଚନ:**

ଅର୍ଜୁନ ଶ୍ରୀଭଗବାନ ଙ୍କୁ କହିଲେ ଯେ, ଏମାନେ ସମସ୍ତଙ୍କୁ ମାରିବା ଅପେକ୍ଷା ମୁଁ ଭିକ୍ଷା ବୃତ୍ତି କରି ଅନ୍ନ ଗ୍ରହଣ କରିବା ଉଚିତ ବୋଲି ଭାବୁଛି। ଏହି ଗୁରୁଜନ ମାନଙ୍କୁ ମାରି ସେମାନଙ୍କ ରକ୍ତରେ ରଞ୍ଜିତ ଭୌତିକ ସୁଖକୁ ଭୋଗ କରିବାରେ କି ସ୍ୱାର୍ଥ ଅଛି ?

**2.6**

**ନ ଚୈତଦ୍ୱିଦ୍ମଃ(ଖ୍) କତରନ୍ନୋ ଗରୀୟୋ,**
**ୟଦ୍ୱା ଜୟେମ ୟଦି ବା ନୋ ଜୟେୟୁଃ**
**ୟାନେବ ହତ୍ୱା ନ ଜିଜୀବିଷାମଃ(ସ୍)**
**ତେଽବସ୍ଥିତାଃ(ଫ୍) ପ୍ରମୁଖେ ଧାର୍ତରାଷ୍ଟ୍ରାଃ ॥6॥**

ଆମର ଯୁଦ୍ଧ କରିବା ଓ ନ କରିବା- ଏ ଦୁଇଟି ମଧ୍ୟରୁ କେଉଁଟି ଶ୍ରେଷ୍ଠ, ଆମେ ତାହା ଜାଣିନାହୁଁ; ଆମେ ସେମାନଙ୍କୁ ଜିତିବୁ, କି ସେମାନେ ଆମକୁ ଜିତିଲେ, ତାହା ମଧ୍ୟ ଜାଣିନାହୁଁ; ଯେଉଁ ମାନଙ୍କୁ ମାରି ଆମେ ବଞ୍ଚିବାକୁ ଇଚ୍ଛା ମଧ୍ୟ କରୁନାହୁଁ, ଆମର ସେହି ଆତ୍ମୀୟ ଧୃତରାଷ୍ଟ୍ରଙ୍କ ପୁତ୍ର ମାନେ ହିଁ ଆମ ସମ୍ମୁଖରେ ଯୁଦ୍ଧ କରିବାକୁ ଠିଆ ହୋଇଛନ୍ତି ।

**ବିବେଚନ-**

ଅର୍ଜୁନ କହୁଛନ୍ତି , ମୁଁ ଏତେ ଭୋଗୀ କିପରି ହେଇଯିବି ଯେ ରକ୍ତ ରଞ୍ଜିତ ହେଇଥିବା ରାଜ୍ୟକୁ ଭୋଗ କରିବି? ଲାକ୍ଷା ଗୃହ ଘଟଣା ପରେ ମଧ୍ୟ ଆମେମାନେ ଭିକ୍ଷା ବୃତ୍ତି କରି ଅନ୍ନ ଖାଉଥିଲୁ। ଏହା ତ ମୋର ଅଭ୍ୟାସ ଅଛି। ଏବେ ପୁଣିଥରେ ଭିକ ମାଗି ଅନ୍ନ ର ପ୍ରବନ୍ଧ କରିନେବି।

ଆମେ ତ ଯୁଦ୍ଧ କରିବା, ନ'କରିବା ମଧ୍ୟରେ କେଉଁଟା ଶ୍ରେଷ୍ଠ ତାହା ଜାଣିନୁ। କିମ୍ବା ଏହା ମଧ୍ୟ ଜାଣିନୁ ଯେ ଯୁଦ୍ଧରେ ଆମେ ବିଜୟୀ ହେବୁ ନା ସେମାନେ ଆମଠାରୁ ଜିତିଯିବେ। ଯେତେବେଳେ ପରିଣାମ ବିଷୟରେ ଆମର ଜ୍ଞାନ ନାହିଁ କିମ୍ବା ଯୁଦ୍ଧ କରିବା ଉଚିତ କିମ୍ବା ଅନୁଚିତ ତାହାର ଜ୍ଞାନ ନାହିଁ, ସେତେବେଳେ ମୁଁ କିପରି ଯୁଦ୍ଧ କରିବି ?

**2.7**

**କାର୍ପଣ୍ୟଦୋଷୋପହତସ୍ୱଭାବଃ(ଫ୍),**
**ପୃଚ୍ଛାମି ତ୍ୱାଂ(ନ୍) ଧର୍ମସମ୍ମୂଢଚେତାଃ**
**ୟଚ୍ଛ୍ରେୟଃ(ସ୍) ସ୍ୟାନିଶ୍ଚିତଂ(ମ୍) ବ୍ରୂହି ତନ୍ମେ,**
**ଶିଷ୍ୟସ୍ତେଽହଂ(ମ୍) ଶାଧି ମାଂ(ନ୍) ତ୍ୱାଂ(ମ୍) ପ୍ରପନ୍ନମ୍ ॥7॥**

ତେଣୁ କାପୁରୁଷତାରୂପକ ଦୋଷହେତୁ ନଷ୍ଟ ସ୍ୱଭାବଯୁକ୍ତ ତଥା ଧର୍ମ ବିଷୟରେ ମୋହିତ ଚିତ୍ତ ହୋଇଥିବା ମୁଁ ଆପଣଙ୍କୁ ପଚାରୁଛି, ମୋ ପକ୍ଷରେ କ'ଣ କରିବା ନିଶ୍ଚିତ କଲ୍ୟାଣକର , ତାହା ମୋତେ କହନ୍ତୁ; କାରଣ ମୁଁ ଆପଣଙ୍କର ଶିଷ୍ୟ । ମୋ ପରି ଶରଣାଗତକୁ ଆପଣ ଉପଦେଶ ଦିଅନ୍ତୁ ।

**ବିବେଚନ -:**

ଏହି ଶ୍ଳୋକଟି ବହୁତ ଗୁରୁତ୍ୱପୂର୍ଣ୍ଣ। ସନ୍ଥମାନେ ଏହାର ଅପାର ମହିମା ଗାନ କରିଛନ୍ତି। ଏହି ଶ୍ଳୋକ ହେଉଛି ଭଗବଦ୍ ଗୀତାର ଉତ୍ପତ୍ତିର କାରଣ।
ଶ୍ରୀ ଭଗବାନ କହିଥିଲେ ଯେ, "ମୁଁ ସବୁକିଛି ଜାଣେ। ମତେ କିଛି ଜଣା ନାହିଁ ବୋଲି ଭାବ ନାହିଁ।"
ଅର୍ଜୁନ ଅତ୍ୟନ୍ତ ଦୁଃଖର ସହିତ ସ୍ୱୀକାର କରନ୍ତି ଯେ, କାପୁରୁଷତା ର ଦୋଷ ହେତୁ ଧର୍ମ ଏବଂ ଅଧର୍ମ ବିଷୟରେ ମୋର ବୁଝିବାର ଶକ୍ତି କ୍ଷୀଣ ହୋଇଯାଇଛି, ତେଣୁ ହେ କେଶବ! ମୋ ମନରେ କ'ଣ ଅଛି ତାହା ମୋତେ କୁହ ନାହିଁ। ନିଶ୍ଚିତ ନିଷ୍ପତ୍ତି ନେବା ପରେ ଯାହା ମୋ ପାଇଁ ଲାଭଦାୟକ ତାହା ମୋତେ କୁହ।

**ଅର୍ଜୁନ ଏବଂ ଶ୍ରୀ ଭଗବାନ ଅନେକ ଭାବରେ ଜଡିତ -**
**୧. ଏହି ଯୁଦ୍ଧକ୍ଷେତ୍ରରେ, ଅର୍ଜୁନ ଜଣେ ଯୋଦ୍ଧା ଏବଂ ଶ୍ରୀଭଗବାନ ତାଙ୍କର ସାରଥି। ଏଠାରେ ସେମାନଙ୍କର ସମ୍ପର୍କ ଯୋଦ୍ଧା ଏବଂ ସାରଥିର।**
**୨. ପାରିବାରିକ ଦୃଷ୍ଟିରୁ, ଅର୍ଜୁନ କୌରବ ବଂଶର ଏବଂ ଶ୍ରୀ କୃଷ୍ଣ ବୃଷ୍ଣୀ ବଂଶର। ଉଭୟ ଉତ୍ତମ ବଂଶର।**
**୩. ସୁଭଦ୍ରା ହେଉଛନ୍ତି ପ୍ରଭୁ ଶ୍ରୀକୃଷ୍ଣଙ୍କ ଭଉଣୀ କିନ୍ତୁ ଅର୍ଜୁନଙ୍କ ପତ୍ନୀ। ତେଣୁ, ସେମାନଙ୍କର ସମ୍ପର୍କ ମଧ ଶଳା, ଭିଣେଇଙ୍କ ସମ୍ପର୍କ ଅଟେ।**
**୪. ଉଭୟ ପ୍ରାୟ ପଇଁଚାଳିଶ ବର୍ଷ ଧରି ମିତ୍ରତା ବନ୍ଧନରେ ଅଛନ୍ତି।**
**୩. ଅର୍ଜୁନ ଶ୍ରୀକୃଷ୍ଣଙ୍କର ପିଉସୀଙ୍କ ପୁଅ, ତେଣୁ ସେମାନଙ୍କ ମଧ୍ୟରେ ଭ୍ରାତୃତ୍ୱ ର ସମ୍ପର୍କ ମଧ ରହିଛି।**
**୫. ଉଭୟ ରାଜା, ତେଣୁ ଏକ ରାଜକୀୟ ସମ୍ପର୍କ ମଧ ସେମାନଙ୍କ ମଧ୍ୟରେ ରହିଛି।**
**୭. ଏବେ ଅର୍ଜୁନ ଏହି ସମସ୍ତ ସମ୍ପର୍କଠାରୁ ଭିନ୍ନ ଏକ ନୂତନ ସମ୍ପର୍କ ସୃଷ୍ଟି କରିବାକୁ ଚାହୁଁଛନ୍ତି - ଅର୍ଜୁନ କୁହନ୍ତି ଯେ ଆଜି ଆପଣ ମୋର ଗୁରୁ ହୁଅନ୍ତୁ ଏବଂ ମୋତେ ଆପଣଙ୍କର ଶିଷ୍ୟ ଭାବରେ ଗ୍ରହଣ କରନ୍ତୁ।**

'ଆପଣ ଗୁରୁ ଭାବରେ ମତେ ଜ୍ଞାନ ଦିଅନ୍ତୁ। ମୁଁ ଆପଣଙ୍କୁ ସାରଥି ସ୍ଥାନରେ ରଖି ଯୋଦ୍ଧା ଭାବରେ ଆଦେଶ ଦେଇଛି ଏବଂ ଆପଣ ମଧ ତାହା ପାଳନ କରିଛନ୍ତି। କିନ୍ତୁ ଏବେ ଆପଣ ଯାହା କହୁଛନ୍ତି, ତାକୁ ଗୁରୁ ସ୍ଥାନରେ ରହି କୁହନ୍ତୁ। ମୁଁ ଆପଣଙ୍କର ଶିଷ୍ୟ ହେବାକୁ ପ୍ରସ୍ତୁତ ଅଛି।'
ସନ୍ଥମାନେ ଏହି ଶ୍ଳୋକର ମାହାତ୍ମ୍ୟ ବର୍ଣ୍ଣନା କରିଛନ୍ତି। ସ୍ୱାମୀ ରାମସୁଖ ଦାସଜୀ ମହାରାଜ କହିଛନ୍ତି ଯେ ଯେତେବେଳେ ବିଷମ ପରିସ୍ଥିତି ଆସେ, ଯେତେବେଳେ ମନେ ହୁଏ ଯେ ଜୀବନ ଶେଷ ହୋଇଆସୁଛି, କୌଣସି ପଥ ଦେଖା ଯାଉନାହିଁ, କର୍ତ୍ତବ୍ୟ କ'ଣ, ଅକର୍ତ୍ତବ୍ୟ କ'ଣ , ଏହା ମଧ ମନେ ପଡ଼େ ନାହିଁ, ମୋ ପାଇଁ କ'ଣ ଠିକ୍, କ'ଣ ଠିକ୍ ନୁହେଁ, ଏହା ମଧ ବୁଝାପଡ଼େ ନାହିଁ, ତେବେ ଏହି ମନ୍ତ୍ରକୁ ଏକ ଶହ ଆଠ ଥର ଜପ କର ଏବଂ ଏହାକୁ ଏଗାର ଥର ଲେଖ, କିନ୍ତୁ ଜପ କରିବା ଏବଂ ଲେଖିବା ସମୟରେ ସମାନ ଭାବନା ରଖନ୍ତୁ,

**शिष्यस्तेऽहं शाधि मां त्वां प्रपन्नम्॥**

**ଭାବାର୍ଥ-:ହେ ପ୍ରଭୁ! ମୁଁ ଆପଣଙ୍କର ଶିଷ୍ୟ, ଦୟାକରି ମୋର ଗୁରୁ ଭାବରେ ରହି ମୋତେ ମାର୍ଗଦର୍ଶନ କରାନ୍ତୁ।**

ଯଦି କୌଣସି ବ୍ୟକ୍ତି ଏହି ଭାବନା ସହିତ ଜପ କରେ ଏବଂ ମନ୍ତ୍ରକୁ ଲେଖି ନିଜ ହୃଦୟରେ ଗୀତା ରଖି ଶୋଇଯାଏ, ତେବେ ସ୍ୱୟଂ ଶ୍ରୀଭଗବାନ ରାତିରେ ସନ୍ଦେହର ସମାଧାନ କରିଦେବା ପାଇଁ ଆସନ୍ତି। ଯେ କୌଣସି କଷ୍ଟକର ପରିସ୍ଥିତିରେ ଏହି ପଦ୍ଧତିକୁ ବ୍ୟବହାର କଲେ ନିଶ୍ଚିତ ଭାବରେ ଲାଭଦାୟକ ଫଳ ମିଳିବ।
ମାନସରେ ନାରଦ ମୁନି ଶ୍ରୀଭଗବାନଙ୍କୁ ଗୋଟିଏ ଚଉପଦୀ କହିଛନ୍ତି -

**जेहि बिधि नाथ होइ हित मोरा।**
**करहु सो बेगि दास मैं तोरा॥**

**ଅର୍ଥ:- ହେ ପ୍ରଭୁ, ମୋ ପାଇଁ ଯାହା ଉତ୍ତମ ହେବ, ଦୟାକରି ତାହା ଶୀଘ୍ର କରନ୍ତୁ। ହେ ପ୍ରଭୁ! ମୁଁ ଆପଣଙ୍କର ଦାସ ଅଟେ।**

**2.8**

**ନ ହି ପ୍ରପଶ୍ୟାମି ମମାପନୁଦ୍ୟାଦ୍,**
**ୟଚ୍ଛୋକମୁଚ୍ଛୋଷଣମିନ୍ଦ୍ରିୟାଣାମ୍**
**ଅବାପ୍ୟ ଭୂମାବସପତ୍ନମୃଦ୍ଧଂ(ମ୍),**
**ରାଜ୍ୟଂ(ମ୍) ସୁରାଣାମପି ଚାଧିପତ୍ୟମ୍ ॥8॥**

କାରଣ ଇହଲୋକ ରେ ନିଷ୍କଣ୍ଟକ, ଧନଧାନ୍ୟ ସମ୍ପନ୍ନ ରାଜ୍ୟ ଏବଂ ଦେବତାମାନଙ୍କର ଆଧିପତ୍ୟ ପାଇଗଲେ ମଧ ମୁଁ ମୋର ଇନ୍ଦ୍ରିୟମାନଙ୍କୁ ଶୁଷ୍କ କରିଦେଉଥିବା ଶୋକକୁ ଦୂର କରିପାରିବା ପରି କୌଣସି ଉପାୟ ଦେଖିପାରୁ ନାହିଁ ।

**ବିବେଚନ -:**

ଯଦିଓ ମତେ ଧନଧାନ୍ୟ, ସମୃଦ୍ଧି, ପୃଥିବୀରେ ଶତ୍ରୁମୁକ୍ତ ରାଜ୍ୟ ଏବଂ ସ୍ୱର୍ଗରେ ଦେବତାଙ୍କ ଆଧିପତ୍ୟ ମିଳିଯିବ, ତଥାପି ମୁଁ ଭାବୁନାହିଁ ଯେ ମୋର ଇନ୍ଦ୍ରିୟକୁ ଶୁଷ୍କ କରୁଥିବା ଦୁଃଖ କେବେ ଦୂର ହେବ। କେବଳ ଆପଣ ହିଁ ମୋତେ ଶାନ୍ତି ଓ ସାନ୍ତ୍ୱନା ଦେଇପାରିବେ।
ଯେତେବେଳେ ଅର୍ଜୁନ ସ୍ୱର୍ଗରେ ଦେବତା ତଥା ଇନ୍ଦ୍ରଙ୍କ ସଭାରେ, ସଶରୀରେ ପହଞ୍ଚିଲେ, ସେ ବହୁତ ଦ୍ୱିଧାଗ୍ରସ୍ତ ଥିଲେ କିନ୍ତୁ ତାଙ୍କର ତେଜ ଏପରି ଥିଲା ଯେ ଦେବରାଜ ଇନ୍ଦ୍ରଙ୍କ ସଭାରେ ସମସ୍ତେ ଛିଡ଼ା ହୋଇ ତାଙ୍କୁ ସ୍ୱାଗତ କରିଥିଲେ। ଅର୍ଜୁନ ସଭାରେ ଆଗକୁ ବଢୁଥିଲେ ଏବଂ ଭାବୁଥିଲେ ଯେ,"ଏହି ସଭାରେ ମୋ ପାଇଁ କେଉଁ ଆସନ ରେ ବସିବା ଉପଯୁକ୍ତ?" ଅର୍ଜୁନ ବହୁତ ସତର୍କ ଥିଲେ ଯେ ତାଙ୍କ ଦ୍ୱାରା କୌଣସି

ନୀତି ଉଲ୍ଲଂଘନ ନ ହେବା ଉଚିତ୍। ସେତେବେଳେ ଦେବରାଜ ତାଙ୍କୁ ଆଗକୁ ଆସିବାକୁ କହିଲେ।
ଅର୍ଜୁନ ଦେଖିଲେ ଯେ ଆଗରେ ଗୋଟିଏ ବି ସିଂହାସନ ଖାଲି ନାହିଁ। ସେ ଏବେ କେଉଁଠି ବସିବେ। ଏହା ଭାବୁଥିବା ସମୟରେ ଦେବରାଜ ଇନ୍ଦ୍ର ଠିଆ ହୋଇ ତାଙ୍କୁ ସ୍ୱାଗତ କଲେ। ଏହା ଏକ ବହୁତ ଆଶ୍ଚର୍ଯ୍ୟଜନକ କଥା ଯେ ଦେବରାଜ କାହାକୁ ସ୍ୱାଗତ କରିବାକୁ ଠିଆ ହୋଇଛନ୍ତି! ଦେବରାଜ ତଳକୁ ଆସି ଅର୍ଜୁନଙ୍କ ହାତ ଧରି ତାଙ୍କ ସମୀପରେ ତାଙ୍କ ସିଂହାସନରେ ବସାଇଲେ। ଏହିପରି ଅର୍ଜୁନ ଦେବରାଜଙ୍କ ସିଂହାସନରେ ବସିବାର ସୌଭାଗ୍ୟ ପାଇଥିଲେ। ସେତେବେଳେ ଅର୍ଜୁନ ଦେବତାମାନଙ୍କର ପ୍ରଭୁ ହେବାର ଅନୁଭବ ମଧ କରିଥିଲେ। ସେହି ଅର୍ଜୁନ କହୁଛନ୍ତି ଯେ," ଏବେ ଏହା ମଧ ମୋତେ ଶାନ୍ତି ଦେବ ନାହିଁ।"

ଶ୍ରୀକୃଷ୍ଣ କେବଳ ହସୁଥାନ୍ତି। ସେ ତ ଯୋଗେଶ୍ୱର ଅଟନ୍ତି। ସେ ସର୍ବଦା ସମତାରେ ରହନ୍ତି। ଶ୍ରୀଭଗବାନ ଯୁଦ୍ଧକ୍ଷେତ୍ରରେ ଅର୍ଜୁନଙ୍କ ସାରଥି ହୋଇ ରଥ ଚଳାଉଛନ୍ତି କିନ୍ତୁ ଏବେ ଅର୍ଜୁନ କହୁଛନ୍ତି ଯେ ସେ ଯୁଦ୍ଧ କରିବେ ନାହିଁ। ଏଥିରେ କିନ୍ତୁ ଶ୍ରୀ ଭଗବାନ ଚିନ୍ତିତ ନୁହଁନ୍ତି।

**2.9**

### ସଞ୍ଜୟ ଉବାଚ

### ଏବମୁକ୍ତ୍ୱା ହୃଷୀକେଶଂ(ଙ୍), ଗୁଡାକେଶଃ(ଫ୍) ପରନ୍ତପ
### ନ ଯୋତ୍ସ୍ୟ ଇତି ଗୋବିନ୍ଦ ମ୍, ଉକ୍ତ୍ୱା ତୂଷ୍ଣୀଂ(ମ୍) ବଭୂବ ହ ॥9॥

ସଞ୍ଜୟ ଧୃତରାଷ୍ଟ୍ରଙ୍କୁ କହିଲେ- ହେ ରାଜନ୍ ! ନିଦ୍ରାଜୟୀ ଅର୍ଜୁନ ଅନ୍ତର୍ଯାମୀ ଭଗବାନ୍ ଶ୍ରୀକୃଷ୍ଣଙ୍କୁ ଏପରି କହିଲେ ଏବଂ ଶ୍ରୀ ଗୋବିନ୍ଦ ଭଗବାନ ଙ୍କୁ 'ମୁଁ ଯୁଦ୍ଧ କରିବି ନାହିଁ' ବୋଲି ସ୍ପଷ୍ଟ ଭାବରେ କହିଦେଇ ଚୁପ୍ ହୋଇଗଲେ ।

**ବିବେଚନ-**
ସଞ୍ଜୟ କହୁଛନ୍ତି , "ନିଦ୍ରା ଉପରେ ବିଜୟ ପ୍ରାପ୍ତ କରିଥିବା ଅର୍ଜୁନ ଅନ୍ତର୍ଯ୍ୟାମୀ ଶ୍ରୀଭଗବାନ ଗୋବିନ୍ଦଙ୍କୁ ପରିଷ୍କାର ଭାବରେ 'ମୁଁ ଯୁଦ୍ଧ କରିବି ନାହିଁ', କହି ନୀରବ ହୋଇଗଲେ ।
**ଗୁଡାକେଶ ର ଦୁଇଟି ଅର୍ଥ ଅଛି** । ଗୋଟିଏ ହେଉଛି **କୁଞ୍ଚିତ କେଶଧାରୀ** ଏବଂ ଅନ୍ୟଟି ହେଉଛି **ଯିଏ ନିଦ୍ରାକୁ ଜୟ କରିଛନ୍ତି**।
ଇତିହାସ ଅନୁସାରେ ଦୁଇଜଣ ନିଦ୍ରାକୁ ଜୟ କରିଛନ୍ତି ।
ଜଣେ **ଶ୍ରୀ ଲକ୍ଷ୍ମଣ ଏବଂ** ଅନ୍ୟଜଣେ **ଶ୍ରୀ ଅର୍ଜୁନ ।**
ଲକ୍ଷ୍ମଣ ମହାରାଜ ଚଉଦ ବର୍ଷ ଉଜାଗର ରହିଥିଲେ। ସେ ବୀରାସନରେ ବସି ଭ୍ରାତା ଶ୍ରୀରାମଙ୍କର ପହରା ଦେଉଥିଲେ। ସେହିପରି ଅର୍ଜୁନ ଏକ ବର୍ଷ ପର୍ଯ୍ୟନ୍ତ ନିଦ୍ରାତ୍ୟାଗ ଅବସ୍ଥାରେ ଅର୍ଥାତ୍ ନ'ଶୋଇ ମହାଦେବଙ୍କର ତପସ୍ୟା କରିଥିଲେ।

**2.10**

### ତମୁବାଚ ହୃଷୀକେଶଃ(ଫ୍), ପ୍ରହସନ୍ନିବ ଭାରତ।
### ସେନୟୋରୁଭୟୋର୍ମଧ୍ୟେ,ବିଷୀଦନ୍ତମିଦଂ(ୱୁଁ) ବଚଃ॥2.10॥

ହେ ଭରତବଂଶୀ ଧୃତରାଷ୍ଟ୍ର ! ଅନ୍ତର୍ଯ୍ୟାମୀ ଶ୍ରୀକୃଷ୍ଣ ପରମାତ୍ମା ଦୁଇ ସେନାଙ୍କ ମଧ୍ୟରେ ଶୋକ କରୁଥିବା ସେହି ଅର୍ଜୁନଙ୍କୁ ସ୍ମିତହାସ୍ କରି କହିଲେ,-

**ବିବେଚନ -:**
ହେ ଭରତ ବଂଶୋଦ୍ଭବ ଧୃତରାଷ୍ଟ ! ବିଷାଦଗ୍ରସ୍ତ ଅର୍ଜୁନଙ୍କୁ ଦୁଇ ସେନାଙ୍କ ମଧ ଭାଗରେ ଅବସ୍ଥାପିତ କରାଇ ଶ୍ରୀଭଗବାନ ହୃଷିକେଶ ସ୍ମିତ ହାସ୍ୟ ସହିତ ବୁଝାଇଛନ୍ତି।

ପ୍ରଭୁଙ୍କ ନାମ ସଂକୀର୍ତ୍ତନ ସହିତ ଉକ୍ତ ବିବେଚନ ଅଧିବେଶନ ଏହିଠାରେ ସମାପ୍ତ ହେଲା ଏବଂ ପ୍ରଶ୍ନୋତ୍ତର ଅଧିବେଶନ ଆରମ୍ଭ ହେଲା ।

**॥ ପ୍ରଶ୍ନୋତ୍ତର ସତ୍ର ॥**

**ପ୍ରଶ୍ନକର୍ତ୍ତା**- ହର ନାଥ ଭାଇ
**ପ୍ରଶ୍ନ**- କୁରୁକ୍ଷେତ୍ରରେ ଅର୍ଜୁନ ଏବଂ ଶ୍ରୀକୃଷ୍ଣଙ୍କର ବୟସ କେତେ ଥିଲା ?
**ଉତ୍ତର**- କୁରୁକ୍ଷେତ୍ର ଯୁଦ୍ଧ ସମୟରେ ଅର୍ଜୁନଙ୍କ ଆୟୁ ଚୌରାଅଶୀ(୮୪) ବର୍ଷ ଏବଂ ଶ୍ରୀକୃଷ୍ଣଙ୍କର ବୟସ ଅଣାନବେ (୮୯) ବର୍ଷ ଥିଲା ।

**ପ୍ରଶ୍ନକର୍ତ୍ତା**- ଅର୍ଚ୍ଚନା ଦିଦି
**ପ୍ରଶ୍ନ**- ରାମରକ୍ଷା ସ୍ତୋତ୍ରର ପାଠ କେଉଁ ସମୟରେ କରିବା ଉଚିତ ?
**ଉତ୍ତର**- ରାମରକ୍ଷା ସ୍ତୋତ୍ର ପ୍ରତ୍ୟୁଷ କିମ୍ବା ସନ୍ଧ୍ୟା ସମୟରେ ଶୁଦ୍ଧ ଅବସ୍ଥାରେ ହିଁ କରିବା ଉଚିତ ।

**ପ୍ରଶ୍ନକର୍ତ୍ତା** - ଅଳକା ଦିଦି
**ପ୍ରଶ୍ନ**- ଗଙ୍ଗାମାତାଙ୍କୁ ଧରା ବକ୍ଷକୁ ଭାଗିରଥ ଆଣିଥିଲେ ନା ବିଷ୍ଣୁ ଭଗବାନଙ୍କର ବାମନ ଅବତାର କାରଣରୁ ଏହା ହୋଇଥିଲା ?
**ଉତ୍ତର**- ଗଙ୍ଗାମାତାଙ୍କୁ ଧରା ବକ୍ଷକୁ ଭାଗିରଥ ହିଁ ଅବତରିତ କରାଇ ଥିଲେ। ଭଗବାନ ବିଷ୍ଣୁଙ୍କ ବାମନ ଅବତାର ସମୟରେ ଗଙ୍ଗା ମାତା ସ୍ୱର୍ଗରେ ହିଁ ରହି ଯାଇଥିଲେ, ପୃଥିବୀ ପୃଷ୍ଠକୁ ଆସି ନ'ଥିଲେ ।

**ପ୍ରଶ୍ନକର୍ତ୍ତା**- ବୀଣା ଦିଦି
**ପ୍ରଶ୍ନ**- ଶରୀର ଏବଂ ଆତ୍ମା ମଧ୍ୟରେ ଅନ୍ତର କଣ ?
**ଉତ୍ତର**- ବଲବ୍ ଏବଂ ବିଦ୍ୟୁତ ମଧ୍ୟରେ ଯେଉଁ ଅନ୍ତର ଅଛି ସେହି ପ୍ରକାର ଅନ୍ତର ଶରୀର ଓ ଆତ୍ମା ମଧ୍ୟରେ ଅଛି । ବିଦ୍ୟୁତ ବିନା ବଲବ୍ ପ୍ରକାଶ ଦେଇ ପାରେ ନାହିଁ । ଶରୀରର ମୂଲ୍ୟ ଆତ୍ମତତ୍ତ୍ୱ ଯୋଗୁ ହିଁ ସମ୍ଭବ । ଆତ୍ମ ତତ୍ତ୍ୱ ବିନା ଏହି ଶରୀର ହେଉଛି ମାଟି ବା ଜଡ଼ ।

**॥ ଓଁ ଶ୍ରୀକୃଷ୍ଣାର୍ପଣମସ୍ତୁ ॥**

---

ଆମେ ବିଶ୍ବାସ କରୁଛୁ ଯେ ଆପଣଙ୍କୁ ବିବେଚନର ରଚନା ପଢ଼ି ଭଲ ଲାଗିଥିବ । ଦୟାକରି ନିମ୍ନ ଲିଖିତ ଲିଙ୍କ ମାଧ୍ୟମରେ ଆମକୁ ଆପଣଙ୍କ ପ୍ରତିକ୍ରିୟା ଅବଗତ କରାନ୍ତୁ ।

https://vivechan.learngeeta.com/feedback/

**ବିବେଚନ-ସାର ଆପଣ ପାଠ କଲେ, ଧନ୍ୟବାଦ !**
ଆମେ ସମସ୍ତ ଗୀତା ସେବୀ , ଅନନ୍ୟ ମନରେ ପ୍ରୟାସ କରୁଛୁ ଯେ ବିବେଚନର ବିଷୟବସ୍ତୁ ଆପଣଙ୍କ ପର୍ଯ୍ୟନ୍ତ ଶୁଦ୍ଧ କଳେବରରେ ପହଞ୍ଚୁ । ଏହାପରେ ମଧ୍ୟ କଥନୀ କିମ୍ବା ଭାଷା ସମ୍ବନ୍ଧୀୟ କୌଣସି ତ୍ରୁଟି ପାଇଁ ଆମେ କ୍ଷମା ପ୍ରାର୍ଥୀ ।

---

**ଜୟ ଶ୍ରୀକୃଷ୍ଣ!**
ସଂକଳନ- ଗୀତା ପରିବାର - ରଚନାତ୍ମକ ଲେଖନ ବିଭାଗ

---

**ପ୍ରତି ଘରେ ଗୀତା, ପ୍ରତି କରେ ଗୀତା**
Let's come together with the motto of Geeta Pariwar, and gift our Geeta Classes to all our Family, friends & acquaintances

https://gift.learngeeta.com/

---

ଗୀତା ପରିବାର ଗୋଟିଏ ନୂତନ ଶୁଭାରମ୍ଭ କରିଛି । ବର୍ତ୍ତମାନ ଆପଣମାନେ ସମସ୍ତ ପୂର୍ବତନ ବିବେଚନର ୟୁଟ୍ୟୁବ ଭିଡିଓ ଏବଂ ପିଡିଏଫ୍ ଗୁଡିକୁ ବି

ଦେଖି ଏବଂ ପଢି ପାରିବେ ।ଦୟାକରି ନିମ୍ନରେ ଦିଆଯାଇଥିବା ଲିଙ୍କର ଉପଯୋଗ କରନ୍ତୁ ।

https://vivechan.learngeeta.com/

---

**।। ଗୀତା ପଢନ୍ତୁ, ପଢାନ୍ତୁ, ଜୀବନରେ ଆପଣାନ୍ତୁ ।।**

**।। ଓଁ ଶ୍ରୀ କୃଷ୍ଣାର୍ପଣମସ୍ତୁ ।।**